# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**6 April - 2026**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭା ସାଂସଦ ଭାବେ ଆଜି ଶପଥ ନେଲେ ଓଡ଼ିଶାର ୩ ନବନିର୍ବାଚିତ ସଦସ୍ୟ

- ରାଷ୍ଟ୍ର ପ୍ରଥମେ ନୀତି ଅନୁସରଣ କରି ଦଳର କର୍ମକର୍ତ୍ତାମାନେ ଦେଶସେବାରେ ନିଜକୁ ନିୟୋଜିତ କରିଛନ୍ତି; ୪୭ତମ ବିଜେପି ପ୍ରତିଷ୍ଠା ଦିବସରେ କହିଲେ ପ୍ରଧାନମନ୍ତ୍ରୀ

- ଓଡ଼ିଆ ପକ୍ଷର ଷଷ୍ଠ ଦିବସରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି ସ୍ୱଚ୍ଛତା ଅଭିଯାନ

- ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଓ ଅଧିକ କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ଦେବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ କ୍ରୀଡ଼ା ଦିବସ

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିଅନସିପ୍‌

Desk

# ସାଂସଦଙ୍କ ଶପଥପାଠ

ଓଡ଼ିଶାରୁ ନବନିର୍ବାଚିତ ୩ ରାଜ୍ୟସଭା ସଦସ୍ୟ ଆଜି ଶପଥ ଗ୍ରହଣ କରିଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ସି.ପି.ରାଧାକୃଷ୍ଣନ୍ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ମନମୋହନ ସାମଲ, ସନ୍ତୃପ୍ତ ମିଶ୍ର ଓ ଦିଲ୍ଲୀପ ରାୟ ଓଡ଼ିଆରେ ଶପଥ ନେଇଛନ୍ତି।

Desk

# ପ୍ରଧାନମନ୍ତ୍ରୀ ବିଜେପି ପ୍ରତିଷ୍ଠା ଦିବସ

ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟାନ୍ୟ ବରିଷ୍ଠ ବିଜେପି ନେତୃବୃନ୍ଦ ଦଳୀୟ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ରାଷ୍ଟ୍ର ପ୍ରଥମେ ନୀତିକୁ ଅନୁସରଣ କରି ଦଳ ଦେଶସେବାରେ ନିଜକୁ ବ୍ରତୀ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ବିଜେପି କର୍ମୀମାନେ ନିଃସ୍ୱାର୍ଥପର ସେବା, ଉତ୍ସର୍ଗୀକୃତ ମନୋଭାବ ଏବଂ ଦୃଢ଼ ପ୍ରତିବଦ୍ଧତା ସହ କାମ କରୁଛନ୍ତି ।

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିଷ୍ଠା ଦିବସରେ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଦଳର ବିକାଶ ଯାତ୍ରା ସଂସ୍କାର ଓ ସେବାର ଏକ ନିରନ୍ତର ପ୍ରବାହ। ଅନ୍ତ୍ୟୋଦୟରୁ ରାଷ୍ଟ୍ରଧ୍ୱଜ ପର୍ଯ୍ୟନ୍ତ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଁଞ୍ଚାଇବା ପାଇଁ ଦଳ ଉଦ୍ୟମ କରୁଛି।

BBSR/R

## ପୁରୁଣା ଗାଡ଼ି

ଅନ୍ୟ ରାଜ୍ୟରେ ପଞ୍ଜୀକୃତ ହୋଇଥିବା ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ିଗୁଡ଼ିକୁ ଓଡ଼ିଶା ମଧ୍ୟକୁ ପ୍ରବେଶ ଓ ପରିଚାଳନା ଉପରେ କଟକଣା ଜାରି କରାଯାଇଛି। ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନାଙ୍କ ନିର୍ଦ୍ଦେଶ ଅନୁଯାୟୀ, ଯାତ୍ରୀମାନଙ୍କ ନିରାପତ୍ତା ଦୃଷ୍ଟିରୁ ନିର୍ଦ୍ଧାରିତ ସମୟସୀମା ଅତିକ୍ରମ କରିଥିବା ବାହାର ରାଜ୍ୟର କୌଣସି ବାଣିଜ୍ୟିକ ଗାଡ଼ିକୁ ଓଡ଼ିଶାରେ ଚଳାଚଳ ପାଇଁ ଅନୁମତି ଦିଆଯିବ ନାହିଁ। ରାଜ୍ୟ ପରିବହନ ପ୍ରାଧିକରଣର ୩୦୧ତମ ବୈଠକ ଗୃହୀତ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁରୁଣାଗାଡ଼ିକୁ ଚଳାଇବା ପାଇଁ ଅନୁମତି ନ ଦିଆଗଲେ ରାଜ୍ୟରେ ପ୍ରଦୂଷଣ ହ୍ରାସ ପାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

Desk

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନାମ ଘୋଷଣା

ରାଜ୍ୟର ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଏକ ପଦ ନୁହେଁ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଆସନ୍ତା ୧୪ ତାରିଖ ପୂର୍ବରୁ ଏହି ଘୋଷଣା କରାଯାଇଛି । ପ୍ରତ୍ୟେକ ଲୋକଙ୍କୁ ନେଇ ରାଜ୍ୟକୁ ବିକଶିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

HS

## ଦୀକ୍ଷାନ୍ତ ସମାରୋହ

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ ପରିସରରେ ନବମ ବ୍ୟାଚ୍ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଉନ୍ନତ ଜ୍ଞାନକୌଶଳ, ସାଇବର ଅପରାଧ ରୋକିବା ଆଦି ପ୍ରଶିକ୍ଷଣ ଶେଷ କରି ୫ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟକ୍ଷେତ୍ରରେ ଯୋଗଦେବେ । ଏହି ଅବସରରେ ପ୍ରଶିକ୍ଷଣ ସମୟରେ କୃତିତ୍ୱ ହାସଲ କରିଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

All PTC

## ସଫେଇ କାର୍ଯ୍ୟକ୍ରମ

ରାଜ୍ୟରେ ଓଡ଼ିଶା ଦିବସଠାରୁ ଆରମ୍ଭ ହୋଇଥିବା ୧୫ ଦିନ ବ୍ୟାପୀ ଓଡ଼ିଆ ପକ୍ଷର ଆଜି ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ ପାଳନ

କରାଯାଉଛି। ସ୍ୱଚ୍ଛତା ଆମ ସଂସ୍କୃତି ଓ ଦୈନନ୍ଦୀନ ଚଳଣିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।  ସ୍ୱଚ୍ଛତା ଅଭିଯାନ ଅବସରରେ ସମସ୍ତେ ମିଳିତ ଭାବରେ ଏକ ସୁନ୍ଦର, ସୁସ୍ଥ ଓ ନିର୍ମଳ ଓଡ଼ିଶା ଗଠନର ସଂକଳ୍ପକୁ ମଜଭୁତ କରି ଜନଭାଗିଦାରୀ ମାଧ୍ୟମରେ ସ୍ୱଚ୍ଛତାକୁ ଏକ ଗଣଆନ୍ଦୋଳନରେ ପରିଣତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ନୟାଗଡ଼ ସହରର ବିଭିନ୍ନ ମନ୍ଦିର ଓ ପୁଷ୍କରିଣୀ ପରିସରକୁ ସ୍ୱଚ୍ଛ କରାଯାଇଛି। ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣକାଳୀ ମନ୍ଦିର, ଜଗନ୍ନାଥ ମନ୍ଦିର, ସାଗର ପୋଖରୀ ଏବଂ ରାମମନ୍ଦିର ପରିସରରେ ବ୍ୟାପକ ସଫେଇ କାର୍ଯ୍ୟକ୍ରମ କରାଯାଇଥିବା ଜଣାପଡ଼ିଛି। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଏବଂ ସଖୀ ଓ୍ୱାନ୍‌ଷ୍ଟପ୍ କେନ୍ଦ୍ରଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶକୁ ସ୍ୱଚ୍ଛ ରଖିବାକୁ ଉପସ୍ଥିତ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱଚ୍ଛତା ଅଭିଯାନରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ

ଶିକ୍ଷକ ଶିକ୍ଷୟିତ୍ରୀ, ପଞ୍ଚାୟତ ଅଧିକାରୀ ଓ ବରିଷ୍ଠ ନାଗରିକମାନେ ସାମିଲ ହୋଇଥିଲେ ।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ, ପୌର ପରିଷଦ ଓ ସ୍ୱଚ୍ଛ ଭାରତ ସଂଗଠନର ମିଳିତ ସ୍ୱଚ୍ଛ ଅଭିଯାନରେ ସୁରେଶ୍ୱରୀ ମନ୍ଦିର, ବାବା ସୁବର୍ଣ୍ଣପୁର ଓ ରାମେଶ୍ୱର ମନ୍ଦିର ସମେତ ମହାନଦୀର ସ୍ୱର୍ଣ୍ଣପ୍ରୟାଗ ଘାଟ ସଫେଇ କରାଯାଇଛି । ସ୍ୱଚ୍ଛ ଭାରତ ଅଭିଯାନକୁ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି ।

କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ଭାବନୀପାଟଣା ପୌରପାଳିକା ପକ୍ଷରୁ ଜିଲ୍ଲାର ବିଭିନ୍ନ ଦେବାଳୟ ଓ ଐତିହ୍ୟସ୍ଥଳୀଗୁଡ଼ିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସଫେଇ କାର୍ଯ୍ୟରେ ସାମିଲ ହୋଇ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ବାର୍ତ୍ତା ଦେଇଛନ୍ତି ।

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହାସିକ ହରିହର ପୀଠ, ବାବା ଚନ୍ଦ୍ରଚୂଡ଼, ମାତଙ୍ଗେଶ୍ୱର, ରାମେଶ୍ୱର ପୀଠ ପ୍ରଭୃତି ସ୍ଥାନରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ବରଗଡ଼ ଜିଲ୍ଲା ପ୍ରଶାସନ ଓ ପୌରପରିଷଦର ମିଳିତ ଉଦ୍ୟମରେ ସାଇ ମନ୍ଦିର, ପୁଷ୍କରିଣୀ ଭଳି ସାର୍ବଜନୀନ ସ୍ଥାନ ସଫେଇ କରାଯାଇଛି । ସ୍ୱଚ୍ଛତା ଅଭିଯାନରେ ସରକାରୀ କର୍ମଚାରୀଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ ।

କେନ୍ଦ୍ରାପଡ଼ା ଏବଂ ଗଜପତି ଜିଲ୍ଲାର ବିଭିନ୍ନ ମନ୍ଦିର ଓ ଐତିହ୍ୟ ସ୍ଥଳଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ପାଳିତ ହୋଇଯାଇଛି ।

Desk

## ରନ୍ଧନ ଗ୍ୟାସ୍

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଗତ ଏକ ମାସ ମଧ୍ୟରେ ରନ୍ଧନ ଗ୍ୟାସକୁ ନେଇ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ଯୋଗାଣ ସଚିବ ସଞ୍ଜୟ ସିଂହ କହିଛନ୍ତି । ରାଜ୍ୟରେ ଏଲ.ପି.ଜି. ପେଟ୍ରୋଲ ଓ ଡିଜେଲର କୌଣସି ଅଭାବ ନାହିଁ । ବାଣିଜ୍ୟିକ କ୍ଷେତ୍ରରେ ୭୦ ପ୍ରତିଶତ ଏଲ୍.ପି.ଜି ଗ୍ୟାସ ପ୍ରଦାନ କରାଯାଇଛି । ଆବଶ୍ୟକସ୍ଥଳରେ ୨୦ ପ୍ରତିଶତ ଏଲ୍.ପି.ଜି. ଆଗୁଆ ଯୋଗାଇ ଦିଆଯାଉଛି । ଜିଲ୍ଲାସ୍ତରରେ ତଦାରଖ କରିବାକୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । ଶ୍ରମିକ ଓ ଛାତ୍ରଛାତ୍ରୀମାନେ ନିଜର ପରିଚୟପତ୍ର ଦେଖାଇ ୫ କେଜି ଗ୍ୟାସ୍ ନେଇପାରିବେ । କଳାବଜାରୀକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ସିଂହ କହିଛନ୍ତି ।

**- V/O –**

Desk

# ପଇତାଲାଗି ନୀତି

ବୈଶାଖ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ଗୁପ୍ତନୀତି ଅନୁଷ୍ଠିତ ହେବ। ଦଇତାପତି ଓ ଅନ୍ୟ ସେବକମାନଙ୍କ ଦ୍ୱାରା ଗୁପ୍ତନୀତି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ହେବ। ଏହି ସମୟରେ ଶ୍ରୀଜୀଉମାନଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

Puri

# ରାବଣବଧ ନୀତି

ଶ୍ରୀକ୍ଷେତ୍ର ପୁରୀରେ ଚାଲିଥିବା ସାହିଜାତ ଅନ୍ତିମ ପର୍ଯ୍ୟାୟରେ ପହଁଞ୍ଚିଛି। ରାମନବମୀଠାରୁ ଆରମ୍ଭ ହୋଇଥିବା ସାହିଜାତରେ ଗତକାଲି ରାବଣ ବଧ ନୀତି ସମାପନ ହୋଇଛି। ତ୍ରେତୟା ଯୁଗର ରାମଚନ୍ଦ୍ରଙ୍କ କଥାବସ୍ତୁକୁ ନେଇ ଶ୍ରୀକ୍ଷେତ୍ରରେ ସାହିଜାତରେ ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ଅଧ୍ୟାୟ ପ୍ରଦର୍ଶନ କରାଯାଉଛି। ଶ୍ରୀରାମ ଓ ଲକ୍ଷ୍ମଣ ଶ୍ରୀମନ୍ଦିରରୁ ଜଗନ୍ନାଥ ବଲ୍ଲଭକୁ ବିଜେ କରିବା ସହିତ ମଠ ପରିସରରେ  ରାବଣବଧ ନୀତି ସମ୍ପନ୍ନ ହୋଇଥିଲା। ଆସନ୍ତା ୧୨ ତାରିଖରେ ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ନୀତି ପାଳନ କରାଯିବ।

Desk

# ଆନ୍ତର୍ଜାତିକ କ୍ରୀଡ଼ା ଦିବସ

ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ଆନ୍ତର୍ଜାତିକ ଅଲିମ୍ପିକ୍ସ କମିଟି ଅଧିକରୁ ଅଧିକ କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ଦେବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'କ୍ରୀଡ଼ା : ସେତୁ ନିର୍ମାଣ, ପ୍ରତିବନ୍ଧକ ଭାଙ୍ଗିବା, ଅନ୍ତର୍ଭୁକ୍ତୀକୁ ପ୍ରୋତ୍ସାହିତ କରିବା'। ୧୮୯୬ ମସିହା ଆଜିର ଦିନରେ ଗ୍ରୀକ୍‌ର ଏଥେନ୍ସଠାରେ ପ୍ରଥମ ଆଧୁନିକ ଅଲିମ୍ପିକ୍ସ କ୍ରୀଡ଼ା ଆରମ୍ଭ ହୋଇଥିଲା । ଏହି ସ୍ମରଣୀୟ ଦିନକୁ ମନେ ପକାଇବା ଲାଗି ପ୍ରତିବର୍ଷ ବିକାଶ ଓ ଶାନ୍ତି ପାଇଁ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳନ କରିବାପାଇଁ ୨୦୧୩ ମସିହାରେ ଜାତିସଂଘ ନିଷ୍ପତ୍ତି ନେଇଥିଲା । ସାମାଜିକ ପରିବର୍ତ୍ତନ ପାଇଁ କ୍ରୀଡ଼ାକୁ ଏକ ଉପକରଣ ଭାବେ ବ୍ୟବହାର କରିବା ନେଇ ଜାତିସଂଘ ଏବଂ ଆନ୍ତର୍ଜାତିକ ଅଲିମ୍ପିକ୍ସ କମିଟି ଦୀର୍ଘଦିନରୁ ପ୍ରୟାସ ଜାରି ରଖିଛନ୍ତି । ଏହି ଦିବସ ପାଳନ ବିଶ୍ୱର ବିଭିନ୍ନ ସମ୍ପ୍ରଦାୟ ଓ ଲୋକମାନଙ୍କ ଜୀବନରେ ଖେଳ ଓ ଶାରୀରିକ କସରତ ସାକାରାତ୍ମକ ଭୂମିକାକୁ ଚିହ୍ନଟ କରିବାର ଏକ ସୁଯୋଗ ପ୍ରଦାନ କରିବ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି ।

Desk

# ରଗ୍‌ବୀ ଚମ୍ପିଆନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ୬୯ ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷ ଏବଂ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ଖେଳାଳିମାନଙ୍କୁ ନେଇ ଆୟୋଜିତ ଜାତୀୟ ବିଦ୍ୟାଳୟ ସ୍ତରୀୟ ରଗ୍‌ବୀ ଚାମ୍ପିଅନସିପ୍ ୨୦୨୫-୨୬କୁ ଆଜି ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡକ୍ଟର ଏମ୍.ତିରୁମାଲା ନାୟକ ଚାମ୍ପିଅନସିପ୍‌ର ଶୁଭାରମ୍ଭ କରିଥିଲେ। ଆସନ୍ତାକାଲି ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ବାଳକ ଓ ବାଳିକାମାନଙ୍କ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୯ ଓ ୧୦ ତାରିଖରେ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକାମାନଙ୍କୁ ନେଇ ଚାମ୍ପିଅନସିପ୍ ଆୟୋଜିତ ହେବ। ପ୍ରତିଯୋଗିତାରେ ୧୫ଟି ରାଜ୍ୟର ଖେଳାଳି ଅଂଶଗ୍ରହଣ କରିଛନ୍ତି।